# NATIONAL NEWS BULLETIN (ODIA)

## 16 March - 2024

## Morning Bulletin : 7.15 a.m.

**************************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭା ନିର୍ବାଚନ ନିମନ୍ତେ ନିର୍ବାଚନ କମିଶନ ଆଜି କାର୍ଯ୍ୟସୂଚୀ ଘୋଷଣା କରିବେ ।
- ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ନାଗରିକତା ସଂଶୋଧନ ଆଇନ-୨୦୧୯ ମାନବିକ ଅଧିକାର ପ୍ରତି ଭାରତର ଦୀର୍ଘଦିନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଆଧ୍ୟାତ୍ମିକତା ଆଧାରିତ ଆମ ସଂସ୍କୃତି ବିଶ୍ୱ ବନ୍ଧୁତ୍ୱ ଭାବନାକୁ ସବୁ ସମୟରେ ଗୁରୁତ୍ୱ ଦେଇଆସିଛି ।
- ନାଗରୀକତା ସଂଶୋଧନ ଆଇନ୍ ଅଧୀନରେ ଆବେଦନ ଲାଗି ନୂଆ ମୋବାଇଲ୍ ଆପ୍‌ର ଶୁଭାରମ୍ଭ ।

ଏବଂ

- ବ୍ୟାଡମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଲ୍ ଇଂଲଣ୍ଡ ଓପନ୍ ଚାମ୍ପିୟନଶିପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି ।

# ଲୋକସଭା ଇଲେକ୍ସନ୍

ନିର୍ବାଚନ କମିଶନ ଆଜି ଅଷ୍ଟାଦଶ ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବେ। ଆଜି ଅପରାହ୍ନରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ନିର୍ବାଚନ ତାରିଖ ଘୋଷଣା କରାଯିବ। ଲୋକସଭା ନିର୍ବାଚନ ସହିତ କିଛି ରାଜ୍ୟର ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ମଧ୍ୟ ଘୋଷଣା କରାଯିବ। ଚଳିତ ଲୋକସଭାର କାର୍ଯ୍ୟକାଳ ଚଳିତ ବର୍ଷ ଜୁନ୍ ୧୬ ତାରିଖରେ ଶେଷ ହେଉଛି। ୨୦୧୯ ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ମାର୍ଚ୍ଚ ୧୦ରେ ଘୋଷଣା କରାଯାଇଥିଲା ଏବଂ ଏପ୍ରିଲ ଓ ମେ ମାସରେ ସାତଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ଗତ ଲୋକସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଦେଶର ୫୪୩ଟି ସଂସଦୀୟ ଆସନ ମଧ୍ୟରୁ ୩୦୩ଟି ଆସନରେ ବିଜୟ ହାସଲ କରିଥିଲା। ଏଥର ଦଳ ୩୭୦ ଆସନ ଜିତିବା ନେଇ ଲକ୍ଷ୍ୟ ରଖିଛି। ଲୋକସଭା ନିର୍ବାଚନ ପାଇଁ ଏପର୍ଯ୍ୟନ୍ତ ବିଜେପି ୨୬୭ ଜଣ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ମୁଖ୍ୟ ବିରୋଧୀ କଂଗ୍ରେସ ୮୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ବାମପନ୍ଥୀ ଦଳ, ତୃଣମୂଳ କଂଗ୍ରେସ, ଆମ୍ ଆଦମୀ ପାର୍ଟି ଏବଂ ଅନ୍ୟ କେତେକ ଦଳ ମଧ୍ୟ ସେମାନଙ୍କ ପ୍ରାର୍ଥୀ ତାଲିକା ଜାରି କରିଛନ୍ତି।

# ବିହାର କ୍ୟାବିନେଟ୍

ବିହାରରେ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ନିଜର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ଗତ ସନ୍ଧ୍ୟାରେ ରାଜଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ବିଜେପିର ୧୨ ଜଣ ଏବଂ ଜେଡିୟୁର ୯ ଜଣ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରେ ନୀତୀଶ ସରକାରରେ ମନ୍ତ୍ରୀଙ୍କ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ଜାନୁଆରୀ ୨୮ରେ ପ୍ରଥମ ଥର ପାଇଁ ୮ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିଥିଲେ।

ଏଥିରେ ବିଜେପିର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ରେଣୁ ଦେବୀ, ପୂର୍ବତନ ରାଜ୍ୟ ସଭାପତି ମଙ୍ଗଳ ପାଣ୍ଡେ, ହରି ସହନୀ, ଜନକ ରାମ ଓ ନୀତିନ ନବୀନ ଅଛନ୍ତି। ବିଜେପି ପ୍ରଥମ ଥର ୬ ଜଣଙ୍କୁ ନୂତନ ଭାବେ ମନ୍ତ୍ରୀ ପଦ ଦେଇଛି, ସେମାନେ ହେଉଛନ୍ତି ଦିଲ୍ଲୀପ ଜୟସ୍ୱାଲ, ହରି ସାହାଣୀ, କେଦାର ପ୍ରସାଦ ଗୁପ୍ତା, ସୁରେନ୍ଦ୍ର ମେହେଟ୍ଟା, କୃଷ୍ଣ ନନ୍ଦନ ପାଶୱାନ ଓ ସନ୍ତୋଷ କୁମାର ସିଂହ।

ପୂର୍ବ ସରକାରରେ ଜେଡିୟୁର ସମସ୍ତ ୯ ଜଣ ସଦସ୍ୟ ମନ୍ତ୍ରୀ ଥିଲେ। ଜେଡିୟୁରୁ ପୂର୍ବତନ ମନ୍ତ୍ରୀ ଅଶୋକ ଚୌଧୁରୀ, ଲେଶୀ ସିଂହ, ମଦନ ସହନି, ମହେଶ୍ୱର ହଜାରୀ, ସୁନୀଲ କୁମାର, ରନତ୍ଶେ ସଦା, ଜୟନ୍ତ ରାଜ ଓ ମହମ୍ମଦ ଜମାନ ଖାନ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି।

# ସିଏଏ ଫରେନ୍ ମିନିଷ୍ଟ୍ରି

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ନାଗରିକତା ସଂଶୋଧନ ଆଇନ-୨୦୧୯ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଏବଂ ଏହା ମାନବିକ ଅଧିକାର ପ୍ରତି ଭାରତର ଦୀର୍ଘଦିନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଏହି ଆଇନ ଆଫଗାନିସ୍ତାନ, ପାକିସ୍ତାନ ଏବଂ ବାଂଲାଦେଶରୁ ୨୦୧୪ ଡିସେମ୍ବର ୩୧ କିମ୍ବା ତା ପୂର୍ବରୁ ଭାରତକୁ ଆସିଥିବା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ନିର୍ଯାତିତ ସଂଖ୍ୟାଲଘୁମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀ ପ୍ରଦାନ କରୁଛି। ନାଗରିକତା ସଂଶୋଧନ ଆଇନ ନାଗରିକତା ଦେବା ପାଇଁ ଉଦ୍ଦିଷ୍ଟ, ନାଗରିକତା ଛଡ଼ାଇ ନେବା ପାଇଁ ନୁହେଁ ବୋଲି ସେ କହିଛନ୍ତି।

ନାଗରିକତା ସଂଶୋଧନ ଆଇନ କାର୍ଯ୍ୟକାରୀ କରିବା ନେଇ ଆମେରିକୀୟ ବୈଦେଶିକ ବିଭାଗର ବୟାନ ଉପରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ବିଶ୍ୱାସ କରେ ଯେ ଏହା ଭୁଲ ଏବଂ ଅନ୍ୟାୟ। ଭାରତର ସମ୍ବିଧାନ ଏହାର ସମସ୍ତ ନାଗରିକଙ୍କୁ ଧର୍ମର ସ୍ୱାଧୀନତା ପ୍ରଦାନ କରିଛି। ସଂଖ୍ୟାଲଘୁଙ୍କ ପ୍ରତି ହେଉଥିବା ବ୍ୟବହାରକୁ ନେଇ ଚିନ୍ତାର କୌଣସି ଆଧାର ନାହିଁ। ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ସଙ୍କଟରେ ଥିବା ଲୋକଙ୍କୁ

ସାହାଯ୍ୟ କରିବା ପାଇଁ ଏହାକୁ କୌଣସି ପ୍ରଶଂସନୀୟ ପଦକ୍ଷେପ ଭାବେ ବିବେଚନା କରିବା ଆବଶ୍ୟକ ନୁହେଁ।

ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ଯେଉଁମାନେ ଏହି ଅଞ୍ଚଳ ବିଭାଜନ ପରଠାରୁ ଭାରତର ବହୁବାଦୀ ପରମ୍ପରା ଏବଂ ଇତିହାସ ବିଷୟରେ ସୀମିତ ଜ୍ଞାନ ରଖିଛନ୍ତି ସେମାନେ ଏହା ଉପରେ କୌଣସି ମନ୍ତବ୍ୟ ଦେବା ଉଚିତ ନୁହେଁ। ଯେଉଁ ଉଦ୍ଦେଶ୍ୟ ନେଇ ଏଭଳି ପଦକ୍ଷେପ ନିଆଯାଇଛି ତାହାକୁ ପ୍ରଶଂସା କରାଯିବା ଉଚିତ ବୋଲି ସେ କହିଛନ୍ତି।

## ଦିଲ୍ଲୀ କୋର୍ଟ କେଜ୍ରିୱାଲ୍

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନକୁ ଦିଲ୍ଲୀ ସେସନ୍ସ କୋର୍ଟ ଖାରଜ କରିଦେଇଛନ୍ତି। ଦିଲ୍ଲୀ ଅବକାରୀ ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କ ବିରୋଧରେ ଦାୟର କରିଥିବା ମାମଲାର ଶୁଣାଣି ଉପରେ ରୋକ ଲଗାଇବାକୁ ମୁଖ୍ୟମନ୍ତ୍ରୀ ଆବେଦନ କରିଥିଲେ। ମାଜିଷ୍ଟ୍ରେଟ୍ କୋର୍ଟରେ ଶୁଣାଣି ଉପରେ ରୋକ୍ ଲଗାଇବା ପାଇଁ କେଜ୍ରିୱାଲଙ୍କ ଆବେଦନ ଉପରେ ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ରାକେଶ ସାୟାଲ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାଜିଷ୍ଟ୍ରେଟ୍ କୋର୍ଟରେ ବ୍ୟକ୍ତିଗତ ହାଜର ହେବାରୁ ମଧ କେଜ୍ରିୱାଲ ଛାଡ଼ ମାଗିଥିଲେ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏ ନେଇ ମାଜିଷ୍ଟ୍ରେଟ ଅଦାଲତର ଦ୍ୱାରସ୍ଥ ହୋଇପାରିବେ ବୋଲି ସେସନ୍ସ କୋର୍ଟ କହିଛନ୍ତି ।

ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଦିବ୍ୟା ମାଲହୋତ୍ରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଦାୟର ଦୁଇଟି ପୃଥକ ମାମଲାରେ କେଜ୍ରିଓ୍ୱାଲଙ୍କୁ ସମନ୍ ଜାରି କରିଥିଲେ । ଆଜି ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଉଭୟ ମାମଲାର ବିଚାର କରିବେ ।

ଅବକାରୀ ନୀତି ମାମଲାରେ କେଜ୍ରିଓ୍ୱାଲଙ୍କୁ ବାରମ୍ବାର ସମନ ଜାରି କରିବା ସତ୍ତ୍ୱେ କୋର୍ଟରେ ହାଜର ହୋଇନଥିଲେ । ଏହାପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେଜ୍ରିଓ୍ୱାଲଙ୍କ ବିରୋଧରେ ଅଭିଯୋଗ କରିଥିଲା ।

## ହାଇଦ୍ରାବାଦ ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ ଆଧ୍ୟାତ୍ମିକତା ଆଧାରିତ ଆମ ସଂସ୍କୃତି ବିଶ୍ୱ ବନ୍ଧୁତ୍ୱ ଭାବନାକୁ ସବୁ ସମୟରେ ଗୁରୁତ୍ୱ ଦେଇଆସିଛି । ହାଇଦ୍ରାବାଦର କାହ୍ନା ଶାନ୍ତି ବନମରେ ଗତକାଲି ସନ୍ଧ୍ୟାରେ ଆରମ୍ଭ ହୋଇଥିବା ୪ ଦିନିଆ ଆଧ୍ୟାତ୍ମିକ ପର୍ବକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ଯେ ଭାରତ ଗୋଟିଏ ଦର୍ଶନତତ୍ତ୍ୱକୁ ଠିକ୍ କିମ୍ବା ଭୁଲ ପ୍ରମାଣିତ କରେ ନାହିଁ ବରଂ ସତ୍ୟରେ ପହଞ୍ଚିବାର ସମସ୍ତ ମାଧ୍ୟମ 'ସର୍ବତ୍ର ସମାନ

ଦର୍ଶନ'କୁ ସମ୍ମାନ ଦିଏ। ଏହି ସମାନତା ଭାବନା ଆମ ଆଧ୍ୟାତ୍ମିକ ପରମ୍ପରାର ଆଧାର ବୋଲି ସେ କହିଥିଲେ।

## ସିଏଏ ମୋବାଇଲ୍ ଆପ୍

ନାଗରିକତା ସଂଶୋଧନ ଆଇନ - ୨୦୧୯ ଅଧୀନରେ ଆବେଦନ କରିବା ପାଇଁ 'CAA-2019' ମୋବାଇଲ୍ ଆପ୍ ଆରମ୍ଭ କରାଯାଇଛି। ଗୃହ ମନ୍ତ୍ରଣାଳୟ ଅନୁଯାୟୀ ଆବେଦନକାରୀ ମାନେ ଗୁଗୁଲ ପ୍ଲେ ଷ୍ଟୋରରୁ ଏହି ଆପ୍ ଡାଉନଲୋଡ୍ କରିପାରିବେ। ଏହି ଆପ indiancitizenshiponline.nic.in ୱେବସାଇଟରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ।

## ଏମ୍ଇଏ ମିଆଁମାର

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ମିଆଁମାରରେ ସୁରକ୍ଷା ସ୍ଥିତି ଖରାପ ହେବା ଚିନ୍ତାର ବିଷୟ ହୋଇଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ପଡୋଶୀ ଦେଶ ମିଆଁମାରରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଭାରତ ଚାହେଁ। ଏହା ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭାରତୀୟ

ନାଗରିକମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରି ସେଠାରେ ସୁରକ୍ଷା ସ୍ଥିତି ଖରାପ ଥିବାରୁ ମିଆଁମାର ଯାତ୍ରା ନ କରିବାକୁ ଅନୁରୋଧ କରିଥିଲା ।

ଏକ ପ୍ରଶ୍ନର ଉତ୍ତରରେ ଜୟସ୍ୱାଲ କହିଛନ୍ତି ଯେ ସେଠାରେ ଫସି ରହିଥିବା ଲୋକଙ୍କୁ ଶୀଘ୍ର ସ୍ଥାନାନ୍ତର କରିବା ପାଇଁ ଭାରତ ରୁଷ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଉଛି । ସେ କହିଛନ୍ତି ଯେ ପ୍ରାୟ ୨୦ ଜଣ ଭାରତ ଫେରିବା ପାଇଁ ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଥିଲେ, ଯେଉଁଥିରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ମୃତଦେହଗୁଡ଼ିକୁ ଚଳିତ ସପ୍ତାହ ଶେଷ ସୁଦ୍ଧା ଭାରତ ଆଣିବା ଲାଗି ବ୍ୟବସ୍ଥା କରାଯାଉଛି ।

# ଏମ୍ଇଏ ହାଇତି

ହାଇତିରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବୈଦେଶିକ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । କଣ୍ଟ୍ରୋଲ ରୁମ୍ ସ୍ଥିତି ଉପରେ ନଜର ରଖିବା ସହ ସୂଚନା ଓ ସହାୟତା ପ୍ରଦାନ କରିବ । ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଡୋମିନିକାନ୍ ରିପବ୍ଲିକର ସାଣ୍ଟୋ ଡୋମିଙ୍ଗୋରେ ଥିବା ଭାରତୀୟ ଦୂତାବାସ ମଧ୍ୟ ଏକ ଜରୁରୀକାଳୀନ ହେଲ୍ପଲାଇନ୍ ସ୍ଥାପନ କରିଛି । ସେ କହିଛନ୍ତି ଯେ ହାଇତିରେ ଭାରତୀୟ ସମ୍ପ୍ରଦାୟର ୫୦ରୁ ୮୦ ଜଣ ସଦସ୍ୟ ଅଛନ୍ତି । ଦୂତାବାସ ସମସ୍ତଙ୍କ ସହ

ଯୋଗାଯୋଗରେ ଅଛି ଏବଂ ମନ୍ତ୍ରଣାଳୟ ପରିସ୍ଥିତି ଉପରେ ନଜର ରଖିଛି ବୋଲି ମୁଖପାତ୍ର କହିଛନ୍ତି। ଆବଶ୍ୟକ ପଡ଼ିଲେ ଭାରତୀୟ ନାଗରିକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ସେ କହିଛନ୍ତି।

କଣ୍ଟ୍ରୋଲ ରୁମକୁ ସଂଯୋଗ କରିବା ପାଇଁ ଟେଲିଫୋନ୍ ହେଲ୍ପଲାଇନ ନମ୍ବର ଓ ହ୍ୱାଟ୍ସଆପ୍ ନମ୍ବର ସହିତ ଟୋଲ୍ ଫ୍ରି ନମ୍ବର ୧୮୦୦-୧୧୮୭୯୭ ଖୋଲାଯାଇଛି। ଅନ୍ୟ ଟେଲିଫୋନ ନମ୍ବର ଗୁଡିକ ହେଉଛି ୦୧୧-୨୩୦୧୨୧୧୩, ୦୧୧-୨୩୦୧୪୧୦୪, ୦୧୧-୨୩୦୧୭୯୦୫, ହ୍ୱାଟ୍ସଆପ୍ ନମ୍ବର ୯୧-୯୯୬୮୨୯୧୧୯୮ ଏବଂ ଇମେଲ ଆଇଡି ହେଉଛି situationroom@mea.gov.in।

## ଇ-ଯାନ

ଦେଶରେ ଇ-ଯାନ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଇ-ଯାନ ନୀତି ଆଣିଛନ୍ତି। ଇ-ଯାନ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ କରିବା ଏହାର ଲକ୍ଷ୍ୟ। ଏହି ନୀତି ସାହାଯ୍ୟରେ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଦ୍ୱାରା ଭାରତୀୟ ଉପଭୋକ୍ତା ଅତ୍ୟାଧୁନିକ ଜ୍ଞାନକୌଶଳ ପାଇଁପାରିବେ। ଇ-ଯାନ କ୍ଷେତ୍ରରେ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେଇ ଅର୍ଥନୀତି ଏବଂ ବୈଦ୍ୟୁତିକ ଯାନ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏହି ନୀତିର ଉଦ୍ଦେଶ୍ୟ। ଅଶୋଧିତ ତୈଳ ଆମଦାନୀ, ବାଣିଜ୍ୟ ନିଅଣ୍ଟ

ଏବଂ ବାୟୁ ପ୍ରଦୂଷଣ ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ଇ-ଯାନ ନୀତି ପ୍ରଣୟନ କରାଯାଇଛି ।

କଂପାନିଗୁଡ଼ିକ ପାଇଁ ସର୍ବନିମ୍ନ ନିବେଶ ସୀମା ୪ ହଜାର ୧୫୦ କୋଟି ଟଙ୍କା ରଖାଯାଇଥିବା ବେଳେ ସର୍ବାଧିକ ନିବେଶ ସୀମା ନାହିଁ। ଉତ୍ପାଦନ କାରଖାନା ସ୍ଥାପନ ଏବଂ ଇଭିର ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବା ପାଇଁ କମ୍ପାନୀଗୁଡ଼ିକୁ ତିନି ବର୍ଷ ସମୟ ମିଳିବ। ଏହି ଯୋଜନା ଅନୁଯାୟୀ ବାର୍ଷିକ ୮ ହଜାରରୁ ଅଧିକ ଇ-ଯାନ ଆମଦାନୀକୁ ଅନୁମତି ମିଳିବ ନାହିଁ।

## କବିତା ଇଡି

ପୂର୍ବତନ ସାଂସଦ ତଥା ବିଆରଏସ ମୁଖ୍ୟ କେ ଚନ୍ଦ୍ରଶେଖର ରାଓଙ୍କ ଝିଅ କେ କବିତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କ ହାଇଦ୍ରାବାଦ ବାସଭବନରୁ ଗିରଫ କରିଛି। ଇଡି ଅଧିକାରୀମାନେ କବିତାଙ୍କୁ ଅଧିକ ପଚରାଉଚୁରା ପାଇଁ ଦିଲ୍ଲୀ ଆଣିଛନ୍ତି। ବିଆରଏସ ନେତା ଏବଂ କବିତାଙ୍କ ପରିବାର କହିଛନ୍ତି ଯେ ସେମାନେ ଆଇନଗତ ଭାବରେ ଏହି ମାମଲାର ସମାଧାନ କରିବେ। ଏହି ଗିରଫଦାରୀ ବିରୋଧରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କବିତାଙ୍କ ଓକିଲ କହିଛନ୍ତି।

ବିଆର୍‌ଏସ୍ ଏହାକୁ ଏକ ରାଜନୈତିକ ଷଡ଼୍‌ଯନ୍ତ୍ର ବୋଲି କହିବା ସହ ବିଆରଏସ ନେତ୍ରୀ କବିତାଙ୍କୁ ବେଆଇନ ଭାବେ ଗିରଫ କରିବା ବିରୋଧରେ ସବୁ ଜିଲ୍ଲାରେ ବିକ୍ଷୋଭ କରିବାକୁ ଆହ୍ୱାନ ଦେଇଛି।

## ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ଯେ ଭାରତୀୟ ରାଜନୀତିରେ କଳାଧନର ପ୍ରଭାବକୁ ଦୂର କରିବା ପାଇଁ ନିର୍ବାଚନୀ ବଣ୍ଡ ପ୍ରଚଳନ କରାଯାଇଥିଲା। ନିର୍ବାଚନୀ ବଣ୍ଡ ଉପରେ ସୁପ୍ରିମ୍ କୋର୍ଟଙ୍କ ଆଦେଶକୁ ସେ ସମ୍ପୂର୍ଣ୍ଣ ଭାବେ ସମ୍ମାନ କରନ୍ତି କିନ୍ତୁ ନିର୍ବାଚନୀ ବଣ୍ଡକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ପରିବର୍ତ୍ତେ ଏଥିରେ ସଂସ୍କାର ଆଣିବା ଉଚିତ ହୋଇଥାନ୍ତା ବୋଲି ସେ କହିଛନ୍ତି।

କଂଗ୍ରେସକୁ ଟାର୍ଗେଟ କରି ଶ୍ରୀ ଶାହା ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳର ନେତାମାନେ ନଗଦରେ ରାଜନୈତିକ ଚାନ୍ଦା ଗ୍ରହଣ କରୁଥିଲେ କାରଣ ସେମାନେ ଦଳ ନାମରେ ମାତ୍ର ଅଳ୍ପ ପରିମାଣର ଚାନ୍ଦା ଜମା କରିଥିଲେ ଏବଂ ଅବଶିଷ୍ଟ ନିଜ ପକେଟରେ ରଖୁଥିଲେ। ମୋଟ ୨୦ ହଜାର କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡମଧ୍ୟରୁ ବିଜେପିକୁ ପାଖାପାଖି ୬ ହଜାର କୋଟି ଟଙ୍କା ମିଳିଛି। ୧୪ ହଜାର କୋଟି ଟଙ୍କାର ବଣ୍ଡ କୁଆଡ଼େ

ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଟିଏମସିକୁ ୧୬୦୦ କୋଟି, କଂଗ୍ରେସକୁ ୧୪୦୦ କୋଟି, ବିଆରଏସକୁ ୧୨୦୦ କୋଟି, ବିଜେଡିକୁ ୭୫୦ କୋଟି ଓ ଡିଏମକେକୁ ୬୩୯ କୋଟି ଟଙ୍କା ମିଳିଛି।

ଶ୍ରୀ ଶାହା କହିଛନ୍ତି ଯେ ୩୦୩ ସାଂସଦଙ୍କ ସତ୍ତ୍ୱେ ବିଜେପିକୁ ୬ ହଜାର କୋଟି ଟଙ୍କା ମିଳିଥିବା ବେଳେ ବାକି ୨୪୨ ସାଂସଦଙ୍କ ୧୪ ହଜାର କୋଟି ଟଙ୍କା ପାଇଛନ୍ତି। ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ସମ୍ପର୍କରେ ଶ୍ରୀ ଶାହା କହିଛନ୍ତି ଯେ ଏହି ଦେଶରେ ବାରମ୍ବାର ନିର୍ବାଚନ ହୋଇଥାଏ ଏବଂ ସେଥିପାଇଁ ଲୋକମାନେ ନିର୍ବାଚନରେ ବ୍ୟସ୍ତ ରହନ୍ତି ଓ ବାରମ୍ବାର ଖର୍ଚ୍ଚ ହୋଇଥାଏ।

## ବ୍ୟାଡ୍‌ମିଣ୍ଟନ

ବ୍ୟାଡମିଣ୍ଟନରେ ଶୀର୍ଷ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଲ୍ ଇଂଲଣ୍ଡ ଓପନ୍ ଚାମ୍ପିୟନଶିପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୧୮ ନମ୍ବର ଖେଳାଳି ଲକ୍ଷ୍ୟ ସେନ୍ ବିଶ୍ୱର ୧୦ ନମ୍ବର ଖେଳାଳି ମାଲେସିଆର ଲି ଜିଜି ଜିଆଙ୍କୁ ପରାସ୍ତ କରିଛନ୍ତି। ବର୍ମିଂହାମରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ମାଲେସିଆର ଲି ଜି ଜିଆଙ୍କୁ ୨୦-୨୨, ୨୧-୧୬, ୨୧-୧୯ ସେଟରେ ପରାସ୍ତ କରିଛନ୍ତି। ଆଜି ବିଶ୍ୱର ୯ନମ୍ବର ଖେଳାଳି ଇଣ୍ଡୋନେସିଆର ଜୋନାଥନ୍ କ୍ରିଷ୍ଟିଙ୍କ ସହ ଲକ୍ଷ୍ୟ

ସେନ୍ ମୁକାବିଲା କରିବେ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

## ଡବ୍ଲ୍ୟୁପିଏଲ୍

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏକ ରୋମାଞ୍ଚକର ଏଲିମିନେଟର ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୫ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ବିଜୟ ପାଇଁ ୧୩୬ ରନର ପିଛା କରୁଥିବା ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୩୦ ରନ୍ କରିଥିଲା। ପ୍ରଥମେ ବ୍ୟାଟିଂ କରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୬ ୱିକେଟ୍ ହରାଇ ୧୩୫ ରନ୍ କରିଥିଲା। ବାଙ୍ଗାଲୋର ପକ୍ଷରୁ ଏଲିସ୍ ପେରି ସର୍ବାଧିକ ୬୬ ରନ୍ କରିଥିବା ବେଳେ ଶ୍ରେୟଙ୍କା ପାଟିଲ ୨ଟି ୱିକେଟ୍ ନେଇଥିଲେ।

ରବିବାର ଫାଇନାଲରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହେବେ। ପଏଣ୍ଟ ଟେବୁଲର ଶୀର୍ଷରେ ରହି ଦିଲ୍ଲୀ କ୍ୟାପିଟାଲ୍ସ ସିଧାସଳଖ ଫାଇନାଲରେ ପ୍ରବେଶ କରିଛି। ସେହି ପଡ଼ିଆରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟରେ ଗୁଜରାଟ ଜାଏଣ୍ଟସକୁ ପରାସ୍ତ କରିଛି।